**ଅଟୋ ଓଲଟି ୫ ଆହତ**

**ଭଞ୍ଜନଗର, (ଡି.ଏନ୍.ଏ.):** ଭଞ୍ଜନଗର ବାହାଡାପଦର ରାସ୍ତାର ରାଜକୁଣ୍ଡ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଅଟୋ ଓଲଟି ୪ଜଣ ଆହତ ହୋଇଛନ୍ତି। ସେଥିମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଆହତମାନଙ୍କୁ ସମ୍ପୃକ୍ତ ଅଞ୍ଚଳବାସୀ ଉଦ୍ଧାର କରି ଭଞ୍ଜନଗର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଏହାପରେ ୩ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଛି।

## ସଂକ୍ଷେପରେ

### ଗୋପାଳପୁରରେ ହାଇକୋର୍ଟର ୩ ବିଚାରପତି

**ବ୍ରହ୍ମପୁର ଅଫିସ,୮।୧**-ଗୋପାଳପୁରରେ ଶୁକ୍ରବାର ହାଇକୋର୍ଟର ୩ ଜଣ ବିଚାରପତି ପହଞ୍ଚିଛନ୍ତି। ସେମାନେ ହେଲେ ଜଷ୍ଟିସ ଚିତ୍ତରଞ୍ଜନ ଦାସ,ବିଶ୍ୱନାଥ ରଥ ଓ ପ୍ରମଥ ପଟ୍ଟନାୟକ। ସେମାନେ ସେଠାରେ ଥିବା ଜୁଡିସିଅଲେ ଗେଷ୍ଟହାଉସରେ ଦୁଇ ଦିନ ଧରି ରହିବେ ବୋଲି ଜଣାପଡିଛି। ଗୋପାଳପୁରରେ ଥିବା ଜୁଡିସିଆଲ ଗେଷ୍ଟହାଉସରେ ମ୍ୟାନେଜର, ମାଳି ଓ ରାତ୍ର ଜଗୁଆଳି ନିଯୁକ୍ତି ପାଇଁ ବିଚାରପତିମାନେ ଗୋପାଳପୁର ଆସିଥିବା ଜଣାପଡିଛି। ଗଞ୍ଜାମ ଜିଲା ଦୌରା ଜଜ ରାମ ଶଙ୍କର ହୋତା, ସିଭିଲ ରେଜିଷ୍ଟ୍ରାର ଅମିତ ସ୍ୱରୂପ ସେଠ ଗୋପାଳପୁରରେ ପହଞ୍ଚି ବିଚାରପତି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

### ସାଧାରଣ ପରିଷଦ ସଦସ୍ୟ ହେଲେ ଅନିଲ

#### ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ



**ବ୍ରହ୍ମପୁର ଅଫିସ, ୮।୧**-ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନୂତନ ସାଧାରଣ ପରିଷଦ ଗଠନ ହୋଇଛି। ଏଥିରେ ଓଡ଼ିଶା ନାଟକ ସମାରୋହ ସମିତି (ବ୍ରହ୍ମପୁର) ର ସଭାପତି, ଗଞ୍ଜାମ କଳାକାର ମହାସଂଘ ସଭାପତି ତଥା ଓଡ଼ିଶା ନାଟ୍ୟ ସଂଘର ଉପସଭାପତି ଅନିଲ କୁମାର ପାତ୍ରଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅନିଲ ୨୦୨୪ ଜାନୁୟାରୀ ୫ ପର୍ଯ୍ୟନ୍ତ ସଦସ୍ୟ ଭାବେ କାର୍ଯ୍ୟ କରିବେ ବୋଲି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଚିଠି ଜରିଆରେ ଜଣାଇଛନ୍ତି।

### ବିସ୍ଫୋରଣ ସାମଗ୍ରୀ ରଖିବା ଅଭିଯୋଗରେ ୨ ଗିରଫ

#### ବୋମା ଫୁଟି ଗୋରୁ ମୃତ୍ୟୁ ଘଟଣା

**ବ୍ରହ୍ମପୁର ଅଫିସ,୮।୧**-ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡିରେ ଗତ ୬ ତାରିଖରେ ଗୋରୁ ପାଟିରେ ବୋମା ଫୁଟି ତାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କୁକୁଡ଼ଖଣ୍ଡି ଇନ୍ଦିରାବାସର ମିଥୁନ ଦାସ (୨୦) ଓ ଗୋବିନ୍ଦ ଦାସ (୨୧) ବୋଲି ଥାନା ଅଧିକାରୀ ସନ୍ତୋସିନି ଓରାମ ସୂଚନା ଦେଇଛନ୍ତି। ମିଥୁନ ଘର ବାରିପଟେ ପନିପରିବା ଚାଷ କରନ୍ତି। ଗୃହପାଳିତ ପ୍ରାଣୀମାନେ ତାଙ୍କ ଫସଲ ନଷ୍ଟ କରୁଥିବାରୁ ସେ ଏକ ଝଟା ଗଛ ମୂଳରେ ବୋମା ଲୁଚାଇ ରଖିଥିଲେ। ଏନେଇ ସେ ଜେରା ବେଳେ ପୋଲିସକୁ କହିଛନ୍ତି। ମାମଲା ନଂ ୬/୨୧ ରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଘଟଣାରୁ ପ୍ରକାଶ, ଗତ ୬ ତାରିଖରେ ଉକ୍ତ ଗ୍ରାମର ପ୍ରଶାନ୍ତ ଦଳାଇଙ୍କ ଗୋରୁ ଘାସ ଖାଇବା ପାଇଁ ମିଥୁନଙ୍କ ବାରିପଟେ ଥିବା ଫସଲ କିଆରିକୁ ଯାଇଥିଲା। ସେଠାରେ ଥିବା ଝଟା ଗଛ ଡ଼ାଳ ଖାଉଥିବା ବେଳେ ବୁଦା ମୂଳେ ଲୁଚାଇ ରଖାଯାଇଥିବା ବୋମା ଗୋରୁ ଖାଇଦେଇଥିଲା। ଫଳରେ ତା ପାଟିରେ ବିସ୍ଫୋରଣ ହୋଇଥିଲା। ପରେ ଗୋରୁଟି ଗୁରୁତର ହେବା ସହ କିଛି ସମୟ ପରେ ସେଠାରେ ତାର ମୃତ୍ୟୁ ଘଟିଥିଲା। ମାଲିକ ପ୍ରଶାନ୍ତ ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ଗଜପତି: ପ୍ରଥମ ଦିନରେ ୫୦%ରୁ ଊର୍ଦ୍ଧ୍ୱ ଉପସ୍ଥାନ

**ପାରଳାଖେମୁଣ୍ଡି, ୮।୧(ଡି.ଏନ୍.ଏ.)**-ଗଜପତି ଜିଲାରେ ଶୁକ୍ରବାର ୧୫୪ ହାଇସ୍କୁଲ ଓ ୨୮ ଯୁକ୍ତ୨ କଲେଜ ଖୋଲିଛି। ଦୀର୍ଘ ୯ମାସ ପରେ ଶିକ୍ଷାନୁଷ୍ଠାନ ଖୋଲିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖା ଦେଇଥିଲା। ପ୍ରଥମ ଦିନରେ ୫୦%ରୁ ଊର୍ଦ୍ଧ୍ୱ ଉପସ୍ଥାନ ରହିଥିବା ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ୍ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ରହିଛି, ଆଗାମୀ ଏକ ସପ୍ତାହ ମଧ୍ୟରେ ପ୍ରାୟ ଶତପ୍ରତିଶତ ଉପସ୍ଥାନ ଆଶା କରୁଛି। ଏନେଇ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ ହୋଇଛି। ବିଦ୍ୟାଳୟରେ ସାମାଜିକ ଦୂରତା ଓ ସାନିଟାଇଜେସନ୍ ପ୍ରତି ଗୁରୁତ୍ୱ ଦିଆଯାଉ ବୋଲି କହିଥିଲେ। ସେହିପରି ଘରୋଇ ସ୍କୁଲ ଓ କଲେଜ ମଧ୍ୟ ଖୋଲିଛି ଓ ୫୦%ରୁ ଅଧିକ ଉପସ୍ଥାନ ରହିଥିବା ଜଣାପଡିଛି।

# ସହରାଞ୍ଚଳ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ

**ଛତ୍ରପୁର,୮।୧(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗଞ୍ଜାମ ଜିଲାର ପ୍ରତ୍ୟେକ ସହର ଯେଭଳି ସ୍ୱଚ୍ଛ ସୁନ୍ଦର ସହର ଭାବେ ପୁରସ୍କୃତ ହୋଇପାରିବ ସେ ନେଇ ପୂର୍ବରୁ ଚାଲିଥିବା ସହରୀ ବିକାଶ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସକାଶେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜୋର୍ ଦେଇଛନ୍ତି। ସହରାଞ୍ଚଳର ପରିମଳ ବ୍ୟବସ୍ଥା ଓ ସଫେଇ କାର୍ଯ୍ୟ ଠିକ ରୂପେ କରାଯାଇ ସମସ୍ତ ଆବର୍ଜନା, ବର୍ଜ୍ୟବସ୍ତୁ ପରିଚାଳନା ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଯେଭଳି ଯିବ ସେ ଦିଗରେ ଦୃଷ୍ଟି ଦେବାକୁ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶୁକ୍ରବାର ଅନୁଷ୍ଠିତ ବୈଠକରେ ସହରାଞ୍ଚଳ ଗୁଡିକର ପରିମଳ ବ୍ୟବସ୍ଥା,ଚଢ଼ାଉ,ବସ୍ତି ଅଞ୍ଚଳର ପ୍ରଗତି, ପରିଚୟ ଓ ମିଶନ ଶକ୍ତି ଗୃହ,ସ୍ୱଚ୍ଛ ସର୍ବେକ୍ଷଣ, ମୋ ଖତ ପ୍ରସ୍ତୁତି ଓ ବିକ୍ରି, ବିଜ୍ଞାପିତ ଅଞ୍ଚଳ ପରିଷଦ ସୌନ୍ଦର୍ଯ୍ୟକରଣ, ଆଧୁନିକ ପାର୍କ, ଆଧୁନିକ ଶବଦାହ କେନ୍ଦ୍ର, ସର୍ବସାଧାରଣ ଶୌଚାଳୟ ଆଦି ବିଷୟ ନେଇ ଜିଲାପାଳ ଆଲୋଚନା କରିଥିଲେ। ସଫେଇ ଦିଗରେ ଅଧିକ ଧ୍ୟାନ ଦେବାକୁ ବୈଠକରେ କୁହାଯାଇଥିଲା। ପ୍ରତ୍ୟେକ ଗୃହକର୍ତ୍ତା ଓ ଦୋକାନୀ ମାଲିକ ସେମାନଙ୍କ ଗୃହ ବା ଦୋକାନ ସମ୍ମୁଖ ୫ ମିଟର ପର୍ଯ୍ୟନ୍ତ ସଫା ରଖିବେ। ରାସ୍ତାରେ ମଇଳା ନ ପକାଇ ଡଷ୍ଟବିନରେ ରଖିବେ। ମଇଳା ସଂଗ୍ରହ ଗାଡି ଆସିଲେ ତାଙ୍କ ଜିମା ଦେବେ । ପ୍ଲାଷ୍ଟିକ ବ୍ୟାଗ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପେପର ବ୍ୟାଗ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବ୍ୟାଗ ବ୍ୟବହାର କରିବା

■ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ଯିବ ଆବର୍ଜନା, ପ୍ଲାଷ୍ଟିକ ବ୍ୟାଗ୍ ନିଷେଧ

■ନୂଆବର୍ଷ ଶୁଭେଚ୍ଛା ଫ୍ଲେକ୍ସ ଉଚ୍ଛେଦ ନିର୍ଦ୍ଦେଶ

ଲାଗି ସଚେତନ କରିବାକୁ କୁହାଯାଇଛି । ନବବର୍ଷର ଶୁଭେଚ୍ଛା ଜଣାଇବା ସକାଶେ ରାସ୍ତା ପାର୍ଶ୍ୱରେ ଟଙ୍ଗାଯାଇଥିବା ଫ୍ଲେକ୍ସ ହଟାଯିବ । ଫ୍ଲେକ୍ସ ଲଗାଇବାକୁ ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବ। ଜିଲାର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୁରୀକୁ ନିଆଯିବ । ସେଠାରେ ମଇଳା, ଆବର୍ଜନା ଓ ସଫେଇ କାର୍ଯ୍ୟ କିଭଳି ଚାଲିଛି ତାହା ଦେଖିବେ । ରାସ୍ତାରେ ଯେଭଳି କୌଣସି ଗୃହ ନିର୍ମାଣ ସାମଗ୍ରୀ ଗଚ୍ଛିତ ନ ରହିବ ସେଥି ସକାଶେ ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି । ସହରରୁ ସଂଗୃହୀତ ମଇଳା ପ୍ରୋସେସିଂ କରି ସଂଗୃହୀତ ହେଉଥିବା ମୋ ଖତ ଜିଲାସ୍ତରରେ ବିକ୍ରି କରିବା ନିମନ୍ତେ ପଦକ୍ଷେପ ନେବାକୁ କୁହାଯାଇଛି।

# ବ୍ରହ୍ମପୁର ବନଖଣ୍ଡରେ କୁମ୍ଭୀର ଗଣନା ଆଜି

**ବ୍ରହ୍ମପୁର ଅଫିସ,୮।୧**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ରହ୍ମପୁର ବନଖଣ୍ଡରେ ଜାନୁୟାରୀରୁ ପକ୍ଷୀ, ପଶୁ ଓ ଜଳଚର ପ୍ରାଣୀଙ୍କ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ସରିଛି। ଶନିବାର ଅର୍ଥାତ୍ ୯ ତାରିଖରୁ ୧୧ ତାରିଖ ଯାଏ କୁମ୍ଭୀର ଗଣନା ହେବ ବୋଲି ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ଦିଗପହଣ୍ଡି ରେଞ୍ଜ୍‌ର ଘୋଡାହାଡ଼ ଡ୍ୟାମ୍‌ରେ ଥିବା କୁମ୍ଭୀରଙ୍କ ଗଣନା କରାଯିବ। ୨୦୨୦ ଜାନୁୟାରୀରେ ହୋଇଥିବା ଗଣନାରେ ଘୋଡାହାଡ଼ ଡ୍ୟାମ୍‌ରେ ୬୫ କୁମ୍ଭୀର ଥିବା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। ବନ ବିଭାଗ ତରଫରୁ ଏନେଇ ତାରିଖ ଘୋଷଣା ହୋଇଛି। ଗତ ୩ ତାରିଖରୁ ବ୍ରହ୍ମପୁର ବନଖଣ୍ଡରେ ପକ୍ଷୀ ଗଣନା ଆରମ୍ଭ ହୋଇଥିବା ବେଳେ ୭ ତାରିଖରେ ସରିଥିଲା। ସେହିପରି କୁମ୍ଭୀର ଗଣନା ସରିବା ପରେ ପ୍ରୟାଗ ଠାରୁ ପାତିସୁନପୁର ପର୍ଯ୍ୟନ୍ତ ୫୪ କି.ମି.ଉପକୂଳ ସମୁଦ୍ର ଭିତରେ ଡଲଫିନ ଗଣନା କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ୨୦୧୯ରେ ୨୧ ଡଲଫିନ ଦେଖିବାକୁ ମିଳିଥିଲା। ହେଲେ ୨୦୨୦ ଗଣନା ବେଳେ ପାଗ ଅନୁକୂଳ ନ ଥିବାରୁ ଗୋଟିଏ ବି ଡଲଫିନ ସେଠାରେ ଦେଖିବାକୁ ମିଳି ନ ଥିଲା। ସେହିପରି ଫେବୃୟାରୀ ୨୮ରେ ବ୍ରହ୍ମପୁର ବନଖଣ୍ଡ ସହ ଗଞ୍ଜାମ ଜିଲାର ସମସ୍ତ ବନାଞ୍ଚଳରେ କୃଷ୍ଣସାର ମୃଗ ଗଣନା କରାଯିବ। ୨୦୨୦ ଗଣନା ଅନୁଯାୟୀ, ବ୍ରହ୍ମପୁର ବନଖଣ୍ଡରେ ୨୪୭୫ କୃଷ୍ଣସାର ମୃଗ ରହିଥିଲେ। ସେଥିରେ ୩୧୬ ଅଣ୍ଡିରା ରହିଥିବା ବେଳେ ୧୭୮୧ ମାଈ ଓ ୩୭୮ଗୋଟି ଯୁବ କୃଷ୍ଣସାର ମୃଗ ରହିଥିବା ବନ ବିଭାଗ ଗଣନା କରିଥିବା ଡିଏଫ୍‌ଓ ନାୟକ ସୂଚନା ଦେଇଛନ୍ତି।

# ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତିବାଦରେ ବିକ୍ଷୋଭ




ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକଙ୍କ ବିକ୍ଷୋଭ।

**ଦିଗପହଣ୍ଡି,୮।୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବିଇଓ କାର୍ଯ୍ୟାଳୟ ଅଧୀନ ୩୪ ବିଦ୍ୟାଳୟ ସମେତ ଗଞ୍ଜାମ ଜିଲାର ୪୩୩ ସରକାରୀ ବିଦ୍ୟାଳୟ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଦିଗପହଣ୍ଡିରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ବିକ୍ଷୋଭ ସଭା କରାଯାଇଥିଲା। ଏଆଇଡିଏସ୍‌ଓ ଜିଲା କମିଟି ସଭାପତି ଶିବାନୀ ଶଙ୍କର ମିଶ୍ର, କାର୍ଯ୍ୟକର୍ତ୍ତା କାମରାଜୁ ସାହୁ, ପପୁନ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରି ବଡ଼ଖେମୁଣ୍ଡି ହାଇସ୍କୁଲ ପରିସରରେ ଥିବା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ବିକ୍ଷୋଭ ସଭାରେ ଏଆଇଡିଏସ୍‌ଓ ସଙ୍ଗଠନର ରାଜ୍ୟ ଉପସଭାପତି ସୋମନାଥ ବେହେରାଙ୍କ ସମେତ ଜିଲା କମିଟି ସଭାପତି ଉଦ୍‌ବୋଧନ ଦେଇଥିଲେ। ଦିଗପହଣ୍ଡି ବ୍ଲକର ସ୍କୁଲ ବନ୍ଦ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର, ସମସ୍ତ ସ୍କୁଲର ଆବଶ୍ୟକ ଭିତ୍ତିଭୂମି ବିକାଶ, ଆବଶ୍ୟକ ସ୍ଥାୟୀ ଶିକ୍ଷକ ଓ କର୍ମଚାରୀଙ୍କୁ ନିଯୁକ୍ତି କରାଯିବା ସମ୍ପର୍କିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓ ବସନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବାରୁ ରାଜ୍ୟ ସରକାର ୨୦୧୮ରେ ୧୪୩୭୯ ଟି ସ୍କୁଲକୁ ବନ୍ଦ କରିବା ଅନ୍ୟ ସ୍କୁଲରେ ମିଶାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ପ୍ରସ୍ତାବକୁ ଚଳିତ ବର୍ଷ କାର୍ଯ୍ୟକାରୀ କରାଯିବା ପ୍ରତିବାଦରେ କରାଯାଇଥିବା ବିକ୍ଷୋଭରେ ଦିଗପହଣ୍ଡି ବ୍ଲକ ଅଧୀନ ବିଜୟ ନଗର ଗଡ, ଗୁଣ୍ଡ୍ରିଗୁଡ଼ା, ଗୋବର ବାଲସା, ବୀର ପାଟଣା ଏବଂ କଣ୍ଡା ଗାଁର ବହୁସଂଖ୍ୟକ ଅଭିଭାବକ ସାମିଲ ଥିଲେ।

## ବଳାତ୍କାରୀଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୮।୧**

ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)-୨ ସଂଘମିତ୍ରା ଶର୍ମା ଶୁକ୍ରବାର ଏକ ବଳାତ୍କାର ମାମଲାର ଜାମିନ ଆବେଦନର ଶୁଣାଣି କରିଥିଲେ। ଶୁଣାଣି କରି ଅଭିଯୁକ୍ତ ସନ୍ତୋଷ ପାତ୍ରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ, ସନ୍ତୋଷ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଜଣଙ୍କ ଗୋଳନ୍ଥରା ଥାନାରେ ୨୦୨୦ ନଭେମ୍ବର ୨୬ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୩୪୭/୨୦ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏସଡ଼ିଜେଏମ ଅଭିଯୁକ୍ତଙ୍କ ଜାମିନ ନା ମଞ୍ଜୁର କରିଥିଲେ। ଫଳରେ ସନ୍ତୋଷଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କ ଓକିଲ ଶୁକ୍ରବାର ଏଡିଜେଙ୍କ କୋର୍ଟରେ ତାଙ୍କର ଜାମିନ ଆବେଦନ କରିଥିଲେ। ମୃଦୁଲାଙ୍କ ପକ୍ଷରୁ ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣା ଓ ସରୋଜ କୁମାର ମଣ୍ଡଳ ମକଦ୍ଦମା ପରିଚାଳନା କରିଥିଲେ।

## ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ବିଏଡ୍ ଛାତ୍ରୀଛାତ୍ର




ଧାରଣାରେ ବସିଥିବା ଛାତ୍ରୀଛାତ୍ର।

**ବ୍ରହ୍ମପୁର ଅଫିସ, ୮।୧**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅଧ୍ୟୟନ କରୁଥିବା ପ୍ରଥମ ବର୍ଷ ବିଏଡ୍‌ର ଶତାଧିକ ଛାତ୍ରୀଛାତ୍ର ପ୍ରଥମ ବର୍ଷ ପରୀକ୍ଷା ଅନ୍‌ଲାଇନ୍ ମାଧ୍ୟମରେ କରିବା ଦାବିରେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସମ୍ମୁଖରେ ଶୁକ୍ରବାର ଦ୍ୱିତୀୟ ଦିନରେ ଧାରଣା ଦେଇଥିଲେ। ଗୁରୁବାରଠାରୁ ଦିନ ରାତି ଧାରଣା ଦେଇ ଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରିପାରି ନ ଥିଲା। ଶୁକ୍ରବାର ଶତାଧିକ ଛାତ୍ରୀଛାତ୍ର ଧାରଣାରେ ବସିଥିବା ବେଳେ ମଧ୍ୟାହ୍ନରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ସୁଦ୍ଧା ସମାଧାନ ହୋଇପାରି ନ ଥିଲା। ସନ୍ଧ୍ୟାରେ କୁଳପତି ପ୍ରଫେସର ଗୋବିନ୍ଦ ଜେ ଚକ୍ରପାଣ, କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ପରୀକ୍ଷା ନିୟନ୍ତ୍ରକ ଡ. ସୁରେନ୍ଦ୍ର ସେଠୀ ଉପସ୍ଥିତ ରହି ଧାରଣାରେ ବସିଥିବା ପ୍ରତିନିଧିଙ୍କୁ ଡକାଇ ଆଲୋଚନା କରିଥିଲେ। ପ୍ରତିଶ୍ରୁତି ମିଳିବା ପରେ ଛାତ୍ରୀଛାତ୍ର ଧାରଣାରୁ ଓହରିଥିଲେ। ଏ ନେଇ କୁଳସଚିବଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ, ଚଳିତ ମାସ ୧୫ ତାରିଖରେ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସମସ୍ତ ବିଏଡ୍ କଲେଜର ଅଧକ୍ଷଙ୍କ ସହ ଆଲୋଚନା କରିବା ପରେ ଯାହା ନିଷ୍ପତ୍ତି ହେବ ତାହା ପାଳନ କରାଯିବ ବୋଲି କହିଥିଲେ।

**ଖୋଲିଲା ଦଶମ, ଦ୍ୱାଦଶ ଶ୍ରେଣୀ**

# ମାସ୍କ ପିନ୍ଧି ବସିଲେ ଛାତ୍ରୀଛାତ୍ର



ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟରେ ଥର୍ମାଲ ସ୍କ୍ରିନିଂ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୮।୧**

କରୋନା ମହାମାରୀ ପାଇଁ ଦୀର୍ଘ ୯ ମାସ ଧରି ରାଜ୍ୟରେ ବନ୍ଦ ରହିଥିବା ହାଇସ୍କୁଲ ୧୦ମ ଓ ଯୁକ୍ତ ୨ ମହାବିଦ୍ୟାଳୟ ଶୁକ୍ରବାରଠାରୁ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଖୋଲିଛି। ସ୍କୁଲ ଫାଟକ ସମ୍ମୁଖରେ ଥର୍ମାଲ ସ୍କ୍ରିନିଂ ସହ ମାସ୍କ ପିନ୍ଧି ଛାତ୍ରୀଛାତ୍ରମାନେ ଶ୍ରେଣୀ ଗୃହକୁ ପ୍ରବେଶ କରିଥିଲେ। ଏଥିସହ ପ୍ରବେଶ ପୂର୍ବରୁ ହାତ ଧୋଇ ଯାଇଥିଲେ। ଶ୍ରେଣୀ ଗୃହରେ ଟେବୁଲ୍ ଉପରେ ଲେଖାଯାଇଥିବା ରୋଲ୍ ନମ୍ବର ଅନୁସାରେ ଛାତ୍ରୀଛାତ୍ରମାନେ ନିଜ ସ୍ଥାନରେ ବସିଥିଲେ। ଶ୍ରେଣୀ କକ୍ଷରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମାଜିକ ଦୂରତା ରଖି ପାଠ ପଢା ଆରମ୍ଭ କରିଛନ୍ତି। ଅନ୍ୟପଟେ ସ୍କୁଲ୍ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଏବଂ ଅଭିଭାବକ ସଭିଏ ଏସ୍‌ଓପି ମାନିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହ ସ୍କୁଲ ଛୁଟି ହେବା ପରେ ଗୃହଗୁଡିକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୁନର୍ବାର ସାନିଟାଇଜ୍ କରାଯାଇଥିଲା।

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ସମ୍ପୂର୍ଣ୍ଣ କଡାକଡି ଭାବେ ପାଳନ କରାଯାଇଛି। ଚଳିତ ବର୍ଷ ଦଶମ ଶ୍ରେଣୀରେ ପ୍ରାୟ ୪୭ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ଛାତ୍ରୀଛାତ୍ରମାନେ ଉତ୍ସାହର ସହ ଆସିଥିବା ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି। ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କ ବାର୍ଷିକ ପରୀକ୍ଷା ଓ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନ ଖୋଲିବା ନିମନ୍ତେ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଜାନୁୟାରୀ ୮ ରୁ ଏପ୍ରିଲ୍ ୨୬ ତାରିଖ ଓ ଯୁକ୍ତ ୨ ପରୀକ୍ଷା ପାଇଁ ଜାନୁୟାରୀ ୮ ରୁ ଏପ୍ରିଲ୍ ୨୮ ତାରିଖ ପର୍ଯ୍ୟନ୍ତ ପାଠ ପଢା ଜାରି ରହିବ ବୋଲି ଜିଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। ଶୁକ୍ରବାର ଅଧିକାଂଶ କଲେଜରେ ପ୍ରାକ୍ଟିକାଲ କ୍ଲାସ ଆରମ୍ଭ ହୋଇଛି। ଅନ୍ୟପଟେ ପାଠ ପଢାକୁ ନେଇ ଛାତ୍ରୀଛାତ୍ରଙ୍କ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସେମାନେ ଯାହା କୁହନ୍ତି



“ସରକାରଙ୍କ ଗାଇଡ୍‌ଲାଇନ୍ ମୁତାବକ ପାଠ ପଢା ଆରମ୍ଭ ହୋଇଛି। ପ୍ରାକ୍ଟିକାଲ କ୍ଲାସ ମଧ୍ୟ ଆରମ୍ଭ ହେଲା। ଛାତ୍ରୀଛାତ୍ରମାନେ କିଭଳି ସାମାଜିକ ଦୂରତା ରଖି ବସିବେ ସେ ନେଇ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି।

**ସୁକାନ୍ତି ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ୟୁନିଭରସିଟି ହାୟର ସେକେଣ୍ଡାରୀ ସ୍କୁଲ**



“କରୋନା ମହାମାରୀ ପାଇଁ ଅନେକ ଦିନ ବିଦ୍ୟାଳୟ ବନ୍ଦ ରହିଥିଲା। ଅନ୍‌ଲାଇନ୍ କ୍ଲାସ୍ କରୁଥିଲୁ। କିନ୍ତୁ କିଛି ବୁଝି ହେଉ ନ ଥିଲା। ଏବେ ସରକାର କରୋନା କଟକଣା ମଧ୍ୟରେ ସ୍କୁଲ୍ ଖୋଲିଛନ୍ତି। ଏହି ସମୟରେ ଆମେ ଶିକ୍ଷକଙ୍କଠାରୁ ବିଭିନ୍ନ ବିଷୟ ବୁଝିବାକୁ ଚେଷ୍ଟା କରିବୁ।

**ସ୍ମୃତିଶ୍ରୀ ପାଣିଗ୍ରାହୀ, ୟୁନିଭରସିଟି ହାୟର ସେକେଣ୍ଡାରୀ ସ୍କୁଲ**



“ମୋ ପାଖରେ ସ୍ମାର୍ଟ ଫୋନ୍ ନ ଥିଲା। ଯଦ୍ୱାରା ପାଠପଢାରେ ବାଧା ସୃଷ୍ଟି ହେଉଥିଲା। ବର୍ତ୍ତମାନ ସ୍କୁଲ ଖୋଲିବା ପରେ ମୁଁ ସହଜରେ ପଢି ପାରିବି।

**ଅନିମା ଦାଶ, ୟୁନିଭରସିଟି ହାୟର ସେକେଣ୍ଡାରୀ ସ୍କୁଲ**



“ସ୍କୁଲ ଖୋଲିବା ଖବର ଶୁଣି ଖୁସି ଅନୁଭବ କଲି। ଅନ୍‌ଲାଇନ୍ ପାଠ ପଢା ଅପେକ୍ଷା ଶ୍ରେଣୀରେ ପଢା ଅଧିକ ସହଜ ହେବ।

**ଅଙ୍କିତା ଶତପଥୀ, ୟୁନିଭରସିଟି ହାୟର ସେକେଣ୍ଡାରୀ ସ୍କୁଲ**



“ଅନ୍‌ଲାଇନ୍‌ରେ ବିଭିନ୍ନ ବିଷୟରେ ଥିବା ଡ଼ାଉଟ୍ ସହଜରେ ସମାଧାନ ହୋଇପାରୁ ନ ଥିଲା। ବର୍ତ୍ତମାନ ସହଜରେ ସମାଧାନ ହୋଇପାରିବ।

**ଡ଼ି.ସ୍ନେହଲତା ପାତ୍ର, ଗିରିରୋଡ ବାଳିକା ବିଦ୍ୟାଳୟ**



“ଶ୍ରେଣୀ ଗୃହ ପାଠ ପଢାରେ ପ୍ରତିଯୋଗିତା ରହିଛି। କିନ୍ତୁ ଅନ୍‌ଲାଇନ୍ ପଢାରେ ତାହା ସମ୍ଭବ ହୋଇପାରୁ ନ ଥିଲା।

**ଆଲିଶା ପଟ୍ଟନାୟକ, ଗିରିରୋଡ ବାଳିକା ସ୍କୁଲ**



“କଲେଜ ଆସିବା ପରେ ଖୁସି ଅନୁଭବ କରୁଛୁ। ଅନ୍‌ଲାଇନ୍‌ପଢା ସମୟରେ ସମସ୍ତ ପୁସ୍ତକ ଉପଲବ୍ଧି ହୋଇପାରୁ ନ ଥିଲା। ବର୍ତ୍ତମାନ ତାହା ଉପଲବ୍ଧ ହେବା ସହ ଅଧ୍ୟାପକଙ୍କଠାରୁ ବିଭିନ୍ନ ବିଷୟରେ ଥିବା ଡ଼ାଉଟ୍‌ସମାଧାନ ହୋଇପାରିବ।

**ସ୍ନେହାଶ୍ରୀ ଦଳାଇ, ଏସ୍‌ବିଆର ମହିଳା କଲେଜ ଯୁକ୍ତ ୨ ଛାତ୍ରୀ**



“ପ୍ରାକ୍ଟିକାଲ୍ କ୍ଲାସ୍ ପାଇଁ ବେଶ୍ ଇଚ୍ଛୁକ ଥିଲି। ଶୁକ୍ରବାରରୁ ପ୍ରାକ୍ଟିକାଲ କ୍ଲାସ ଆରମ୍ଭ ହୋଇଥିବାରୁ ବିଷୟଗୁଡ଼ିକୁ ବୁଝିବାରେ ଓ ଜାଣିବାରେ ସହଜ ହୋଇପାରିବ।

**ତୃପ୍ତିମୟୀ ପାଣିଗ୍ରାହୀ ଏସ୍‌ବିଆର ମହିଳା କଲେଜ, ଯୁକ୍ତ ୨ ଛାତ୍ରୀ**



“ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦୀର୍ଘ ସମୟ ଧରି ସ୍କୁଲ୍ ବନ୍ଦ ରହିବା ଫଳରେ ପାଠପଢା ବ୍ୟାଘାତ ହେଉଥିଲା। ଫଳରେ ଆମେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହୋଇଥିଲୁ। ଏବେ କଲେଜ ଖୋଲିବା ପରେ ଖୁସି ଅନୁଭବ କରିବା ସହ ବିଭିନ୍ନ ବିଷୟରେ ଶିକ୍ଷକଙ୍କ ନିକଟରେ ଆଲୋଚନା କରିବାରେ ସହାୟକ ହୋଇପାରିବ।

**ଶ୍ରେୟା ଶତପଥୀ, ଛାତ୍ରୀ, ୟୁନିଭରସିଟି ହାୟାର ସେକେଣ୍ଡାରୀ ସ୍କୁଲ**



“୯ମାସ ମାସ ପରେ ସ୍କୁଲ ଖୋଲିଥିବାରୁ ମୁଁ ବହୁତ ଖୁସି। ଅନ୍‌ଲାଇନ୍‌ରେ ପାଠ ପଢାଯାଉଥିଲେ ମଧ୍ୟ ବିଭିନ୍ନ ସମୟରେ ନେଟ୍‌ୱାର୍କ ସମସ୍ୟା ଯୋଗୁ ଅସୁବିଧା ହେଉଥିଲା। ଠିକ୍‌ରେ ପାଠ ପଢିପାରୁ ନଥିଲୁ। ବର୍ତ୍ତମାନ ବିଦ୍ୟାଳୟ ଖୋଲିବା ଯୋଗୁ ପାଠପଢାରେ ସୁଧାର ଆସିବ। ଏତେଦିନ ପରେ ସ୍କୁଲ ଆସି ସାଙ୍ଗମାନଙ୍କ ସହ ମିଶି ବହୁତ ଖୁସି ଲାଗୁଛି। ମାତ୍ର କୋଭିଡ୍ କଟକଣା ଯୋଗୁ ସାମାଜିକ ଦୂରତା ରକ୍ଷା କରି ପାଠ ପଢୁଛୁ।

**ସନ୍ତୋଷିନୀ ପାତ୍ର, ମହାରାଜା ବାଳିକା ହାଇସ୍କୁଲ,ପାରଳାଖେମୁଣ୍ଡି**

## କେନାଲରେ ବୁଡ଼ି ଯୁବତୀ ମୃତ

ଜି. ଉଦୟଗିରି, (ଡି.ଏନ୍.ଏ.): ଜି.ଉଦୟଗିରି ଥାନା ଗାମୁଲି ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ କେନାଲରେ ବୁଡ଼ି ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ନମିତା ସାହୁ(୨୫)। ସକାଳେ ନମିତା ଗାଁ ପାଖ କେନାଲରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକଙ୍କ ଏତଲା କ୍ରମେ ପୋଲିସ ପହଞ୍ଚି ନଂ. ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ନମିତାଙ୍କ ଅପସ୍ମାର ରୋଗ ଥିବା ଯୋଗୁ ଗାଧୋଇବା ସମୟରେ ଫିଟ୍ସ ହୋଇ ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି ବୋଲି ଆଇଆଇସି ନରେଶ ଚନ୍ଦ୍ର ସାହୁ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଏସ୍ଆଇ ସୁବାସ ଚନ୍ଦ୍ର ପ୍ରଧାନ ଘଟଣାର ତଦନ୍ତ ଚଳାଇଛନ୍ତି।

## ସଂକ୍ଷେପରେ

### କଂଗ୍ରେସରୁ ଇସ୍ତଫା ଦେଲେ କାଶୀନାଥ

ବେଗୁନିଆପଡ଼ା,୮।୧(ଡି.ଏନ.ଏ.)- ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ୨୦୦୯ରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା କାଶୀନାଥ ବେହେରା ଦଳର ପ୍ରାଥମିକ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ କାଶୀନାଥ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଥିବା କହିଛନ୍ତି। ବେଗୁନିଆପଡା ବ୍ଲକର ଦ୍ୱାରଶୁଣି ଗ୍ରାମରେ ରହୁଥିବା କାଶୀନାଥ। ୧୯୮୦ରେ କଂଗ୍ରେସରେ ଯୋଗଦାନ କରିଥିଲେ। ୨୦୦୭ରେ ବ୍ଲକ ଜିଲା ପରିଷଦ ଜୋନ -୪୬ ରୁ କଂଗ୍ରେସ ଦଳ ଟିକେଟରେ ନିର୍ବାଚିତ ହୋଇଥିଲେ ଏବଂ ୨୦୦୯ ସାଧାରଣ ନିର୍ବାଚନରେ ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଦଳୀୟ ପାର୍ଥି ଭାବେ ନିର୍ବାଚନ ଲଢ଼ି ୨୨ ହଜାର ଭୋଟ ପାଇଥିଲେ। ତେବେ ଆଗାମୀ ଦିନରେ କେଉଁ ଦଳକୁ ଯିବେ ତାହା ସମୟ କହିବ ବୋଲି କାଶୀନାଥ କହିଛନ୍ତି।

### କାର୍, ବାଇକ୍ ଜାଳିଦେଲେ

#### ମଦ ବ୍ୟବସାୟୀଙ୍କ ସହ ୨ ଦୁର୍ବୃତ୍ତ ଗିରଫ



ପାରଳାଖେମୁଣ୍ଡି,୮।୧(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଥାନା ଦେଭିଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଘର ଆଗରେ ଥିବା ଏନ୍. କ୍ରିଷ୍ଣାଙ୍କ ଏକ କାର ଓ ୨ଟି ବାଇକ୍ ଜାଳି ଦେଇଥିଲେ। ସକାଳୁ ପୋଲିସ ଓ ଗଣମାଧମର ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଳି ଯାଇଥିବା କାର୍ ଓ ବାଇକ ନିକଟରେ ବସ୍ତା ବସ୍ତା ଦେଶୀ ପାଉଚ୍ ମଦ ଥିବା ଦେଖିବାକୁ ମିଳିଥିଲା। ପୋଲିସ ଠାରୁ ଖବର ପାଇ ଅବକାରୀ ବିଭାଗ ପହଞ୍ଚି ତଦନ୍ତ କରିବା ପରେ ଚୋରା ମଦ ବିକ୍ରିକୁ ନେଇ ଏହି କାଣ୍ଡ ଘଟିଥିବା ଜଣାପଡିଥିଲା। ଅବକାରୀ ବିଭାଗ ଏକ ମାମଲା ରୁଜୁ କରି କ୍ରିଷ୍ଣାଙ୍କୁ ଗିରଫ କରିବା ସହ ୬୦ ପ୍ୟାକେଟ ଦେଶୀ ମଦ ଜବତ କରିଛି। ଅନ୍ୟପଟେ ଗାଡି ପୋଡି ଘଟଣାରେ ପୋଲିସ ନଂ.୭/୨୧ରେ ମାମଲା ରୁଜୁ କରି ପାରଳାଖେମୁଣ୍ଡିର ସର୍ବସୁଦ୍ଧି କୁମାର ଓ ଚିନ୍ତାଡା ଚିନ୍ନାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏପରି ଘଟିଥିବା ଆଇଆଇସି ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

### ଧାନ କଳେଇ ଜଳିଗଲା

ଚିକିଟି,୮।୧(ଡି.ଏନ.ଏ.)-ଚିକିଟି ବ୍ଲକ ଅନ୍ତର୍ଗତ ପୁରୁଣା ମୋଇସାନପୁର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ନରସିଂହ ପଣ୍ଡାଙ୍କ ୩ ଭରଣର ଧାନ କଳେଇ ଜଳିଯାଇଛି। ନିଆଁ ଲାଗିବାର କୌଣସି କାରଣ ଜଣାପଡିନାହିଁ। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗେଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ

#### ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ

ଦିଗପହଣ୍ଡି, ୮।୧(ଡି.ଏନ୍.ଏ.)- ଦିଗପହଣ୍ଡି ଏନ୍ଏସି କାର୍ଯ୍ୟାଳୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ସ୍ୱଚ୍ଛତା ରକ୍ଷା ଦିଗରେ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟବସାୟୀମାନଙ୍କ ଠାରୁ ଜରିମାନା ଆଦାୟ କରିଛି। ଗୁରୁବାର ଏନେଇ ୨୭ ଜଣ ବ୍ୟବସାୟୀ ୩୨ଶହ ଟଙ୍କା ତଣ୍ଡ ଗଣିଥିବା ଜଣାପଡିଛି। ନୀଳ ଓ ସବୁଜ ରଙ୍ଗର ଡଷ୍ଟବିନ୍‌ର ସଠିକ ବ୍ୟବହାର ସହ ପ୍ରତ୍ୟେକ ବ୍ୟବସାୟୀ ସେମାନଙ୍କ ଦୋକାନର ୫ ମିଟର ପରିଧିକୁ ସଫା ରଖିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶକୁ ସୁନିଶ୍ଚିତ କରାଇବାକୁ କୁହାଯାଇଛି। ସୂଚନା ଯୋଗ୍ୟ, ବୁଧବାର ଜିଲା ପାଳ ବିଜୟ ଅମୃତା କୁଲାଙ୍ଗେ ଦିଗପହଣ୍ଡି ଗସ୍ତ ସମୟରେ ଏନ୍ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ଡକାଇ ଏ ସମ୍ପର୍କରେ ଆଲୋଚନା କରିବା ସହ ଖିଲାପୀ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଏନ୍ଏସି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରତିଦିନ ଏନେଇ ସଚେତନତା କରାଯାଉଛି। ନିର୍ବାହୀ ଅଧିକାରୀ ମଧ ଦୋକାନୀଙ୍କୁ ଭେଟି ସଚେତନ କରୁଛନ୍ତି।

# କେନ୍ଦ୍ରୀୟ ଯୋଜନା ହଡ଼ପ କରୁଛି ରାଜ୍ୟ: ପୁରନ୍ଦେଶ୍ୱରୀ



ଖବରଦାତା ସମ୍ମିଳନୀରେ ଡି.ପୁରନ୍ଦେଶ୍ୱରୀଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା।

ଫୁଲବାଣୀ ଅଫିସ, ୮।୧

ଭାଜପା ରାଜ୍ୟ ପ୍ରଭାରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡି.ପୁରନ୍ଦେଶ୍ୱରୀ ତାଙ୍କର ସାଙ୍ଗଠନିକ କାର୍ଯ୍ୟ ପ୍ରଥମେ କନ୍ଧମାଳ ଜିଲାରୁ ଆରମ୍ଭ କରିଛନ୍ତି। ଫୁଲବାଣୀରେ ପହଞ୍ଚିବା ପରେ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଜିଲା ତଥା ମଣ୍ଡଳସ୍ତର କାର୍ଯ୍ୟକର୍ତ୍ତା, ନେତାଙ୍କ ସହ ଆଲୋଚନା କରିଥିଲେ। ପରେ ଏକ ରେସିଡେନ୍ସି କନ୍‌ଫରେନ୍ସ ହଲ୍‌ରେ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାର କେନ୍ଦ୍ରର ଯୋଜନାକୁ ହଡପ କରୁଛନ୍ତି ବୋଲି କହିଥିଲେ।

ଏବେ ରାଜ୍ୟରେ ଭାଜପା ଭଲ କାମ କରୁଛି। ଆମ ଦଳ ନିଶ୍ଚିତ ଭାବେ ଆଗାମୀ ନିର୍ବାଚନରେ କ୍ଷମତାକୁ ଆସିବ। ଏହି ଉତ୍ସାହ ଦଳୀୟ ନେତୃତ୍ୱ ଏବଂ କର୍ମୀଙ୍କ ପାଖରେ ରହିଥିବା ମୁଁ ଦେଖୁଛି। ପ୍ରଧାନମନ୍ତ୍ରୀ ଯେତେ ଯୋଜନା କରିଛନ୍ତି ସବୁ ଦେଶର ଗରିବଙ୍କ ହିତ ପାଇଁ। ଓଡିଶାର ଲୋକେ ନବୀନ ବାବୁଙ୍କୁ ଭୋଟ ଦେଇଛନ୍ତି, କୌଣସି ପ୍ରଶାସନିକ ଅଧିକାରୀଙ୍କୁ ନୁହେଁ। ଲୋକ ଚାହୁଁଛନ୍ତି ନବୀନ ହିଁ ସେମାନଙ୍କୁ ଭଲ ଶାସନ ଦିଅନ୍ତୁ। କେନ୍ଦ୍ର ସରକାର ଯେଉଁ ଯୋଜନା ଆଣୁଛନ୍ତି, ରାଜ୍ୟ ସରକାର ସେଠାରେ ନିଜର ପୋଷ୍ଟର ଲଗାଇ ଲୋକଙ୍କୁ ଭ୍ରମିତ କରୁଛନ୍ତି। ପ୍ରଧାନ ମନ୍ତ୍ରୀ ଆବାସ ପାଖରେ ବିଜୁ ପକ୍କା ପୋଷ୍ଟର ଲାଗୁଛି। ରାଜ୍ୟରେ ନାରୀ ନିର୍ଯାତନା ଦେଶରେ ସର୍ବାଧିକ। କନ୍ଧମାଳରେ ମେଡିକାଲ କଲେଜ ହେବ। କେନ୍ଦ୍ର ସରକାର ୬୦ ପ୍ରତିଶତ ଅର୍ଥ ଦେବେ। ଏହା ରାଜ୍ୟର କିପରି ହେଲା ବୋଲି ପୁରନ୍ଦେଶ୍ୱରୀ କହିଛନ୍ତି। ଏକଲବ୍ୟ ସ୍କୁଲ ଏଠାରେ ୩ଟି ହୋଇଥିବା ସ୍ଥଳେ ବାକି ୮ଟି କାହିଁ ନବୀନ ବାବୁ କରି ପାରୁନାହାନ୍ତି ବୋଲି କହିଥିଲେ। ବନଜାତ ଦ୍ରବ୍ୟ ପାଇଁ ଏମ୍ଏସ୍‌ପି ରହିଛି, କେନ୍ଦ୍ର ଏହା ରାଜ୍ୟ ସରକାରଙ୍କୁ ଦେଉଛି, ହେଲେ ରାଜ୍ୟ ଆଦିବାସୀମାନଙ୍କୁ ଦେଉ ନାହାନ୍ତି। ଏସବୁ ମୁଦା କରି ଭାଜପା ଆଗକୁ ବଢ଼ିବ ବୋଲି ପୁରନ୍ଦେଶ୍ୱରୀ ପ୍ରକାଶ କରିଛନ୍ତି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠି, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ଜିଲା ସଭାପତି ଜଗନ୍ନାଥ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ କରେନ୍ଦ୍ର ମାଝି ପ୍ରମୁଖଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜିଲା ଆଇଟି ସଂଯୋଜକ ବନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଜପା ରାଜ୍ୟ ପ୍ରଭାରୀଙ୍କୁ ସ୍ୱାଗତ

ଭଞ୍ଜନଗର,୮।୧(ଡି.ଏନ.ଏ)– ରାଜ୍ୟ ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀଙ୍କୁ ଶୁକ୍ରବାର ଭଞ୍ଜନଗରଠାରେ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ଗାଙ୍ଗପୁର ଠାରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯିବା ବାଟରେ ପୁରନ୍ଦେଶ୍ୱରୀ ଭଞ୍ଜନଗର ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ କିଛିସମୟ ଅଟକିଥିଲେ। ଅଞ୍ଚଳର ନେତାମାନେ ତାଙ୍କୁ ସ୍ୱାଗତ କରିବା ସହ ଦଳୀୟ ସଙ୍ଗଠନ କିଭଳି ସୁଦୃଢ଼ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ରାଜ୍ୟ ପ୍ରଭାରୀଙ୍କ ଗସ୍ତ ସମୟରେ ଭାଜପା ରାଜ୍ୟ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଭାଜପା ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଳିକଙ୍କ ସମେତ ଅନେକ ନେତା ଉପସ୍ଥିତ ଥିଲେ। ଏହାପରେ ସେ ଅପରାହ୍ନରେ ଗାଙ୍ଗପୁର ଯାଇ ସେଠାରେ ଭାଜପା ଘୁମୁସର ସାଙ୍ଗଠନିକ ଜିଲାର କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇ ସଙ୍ଗଠନ ସୁଦୃଢ଼ ନେଇ ଆଲୋଚନା କରିଥିଲେ।

# ବିଦେଶରୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ



ରେଡକ୍ରସ ପାଣ୍ଠି ଅର୍ଥ ମୃତକ ପରିବାରକୁ ପ୍ରଦାନ କରାଯାଉଛି।

ଖଲ୍ଲିକୋଟ,୮।୧(ଡି.ଏନ.ଏ.)–

୨୮ ଦିନ ପରେ ବିଦେଶରୁ ଖଲ୍ଲିକୋଟ ବ୍ଲକ ମୋହନପୁର ଗ୍ରାମର ଦାଦନ ଶ୍ରମିକ ବୁଲୁ ପରିଡ଼ାଙ୍କ ମୃତଦେହ ବିମାନ ଯୋଗେ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛି। ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସହ ପରିବାର ଲୋକ ପହଞ୍ଚି ମୃତଦେହ ଗ୍ରହଣ କରି ଅପରାହ୍ନରେ ନିଜ ଗ୍ରାମକୁ ନେଇଥିଲେ। ଖଲ୍ଲିକୋଟ ତହସିଲଦାର ରାଜ କିଶୋର ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ମୀନକେତନ ଶବର, ଛତ୍ରପୁରରୁ ଆସିଥିବା ଲେବର ଇନ୍ସପେକ୍ଟର ରଶ୍ମିରେଖା ପଣ୍ଡା, କେଶପୁର ସରପଞ୍ଚ ପ୍ରତିନିଧି ମିଟୁ ସାହୁଙ୍କ ଉପସ୍ଥିତିରେ ତହସିଲଦାର ରେଡକ୍ରସ ପାଣ୍ଠିରୁ ମୃତକ ପରିବାରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସରପଞ୍ଚ ପ୍ରତିନିଧି ଦେଇଥିଲେ। ଲେବର ଆଇନ ଅନୁସାରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରମ ଅଧିକାରୀ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ପ୍ରଧାନ, ରମେଶ ପରିଡ଼ା, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବୁଲୁଙ୍କ ମୃତ୍ୟୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ ଯେ, ବୁଲୁ ୨୦୨୦ ନଭେମ୍ବରରେ ମରିସସ୍ ଦେଶର ଏକ କମ୍ପାନୀରେ ଦାଦନ ଖଟିବା ପାଇଁ ଯାଇଥିଲେ। କିଛିଦିନ ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ କମ୍ପାନୀ ପକ୍ଷରୁ ଗତ ଡିସେମ୍ବର ୧୧ ତାରିଖରେ ବୁଲୁଙ୍କ ପରିବାରକୁ ଫୋନ ଯୋଗେ ମୃତ୍ୟୁ ଖବର ଆସିଥିଲା।

# ସ୍କୁଲ ଆସିଲେ ଦଶମ ଶ୍ରେଣୀ ପିଲା



ରୁଜାଙ୍ଗି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହରେ ଛାତ୍ରୀଛାତ୍ର।

ଫୁଲବାଣୀ ଅଫିସ,୮।୧

ଦୀର୍ଘ ମାସ ପରେ ଶୁକ୍ରବାରଠାରୁ କେବଳ ୧୦ମ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଛି। କରୋନା ପାଇଁ ସ୍କୁଲ ବନ୍ଦ ଥିବାରୁ ଅନ୍‌ଲାଇନରେ ପଢ଼ାଯାଉଥିଲେ ମଧ କନ୍ଧମାଳ ପାହାଡିଆ ଅଞ୍ଚଳ ହୋଇଥିବାରୁ ଅଧିକାଂଶ ପିଲା ଏଥିରୁ ବଞ୍ଚିତ ହେଉଥିଲେ। ତେବେ ପରୀକ୍ଷା ପୂର୍ବରୁ ସ୍କୁଲ ଖୋଲିଥିବାରୁ ପିଲାମାନେ ଖୁସି ଥିବା ଦେଖାଦେଇଛି।

ଫୁଲବାଣୀ କଲେଜ ଛକର ଦଶମ ଶ୍ରେଣୀ ଛାତ୍ର ହିମାଂଶୁ ପାତ୍ର କହିଛନ୍ତି, ବହୁଦିନ ପରେ ସ୍କୁଲ ଖୋଲି ଥିବାରୁ ଖୁସି ଅଛି। କୋଭିଡ୍ ଗାଇଡ ଲାଇନକୁ ଆମେ ସମସ୍ତେ ମାନୁଛୁ। ଆଗରୁ ଘରେ ପଢୁଥିଲି। ଯାହା ମନରେ ଆଶଂକା ରହୁଥିଲା ତାହା ବୁଝି ହେଉ ନ ଥିଲା। ଏବେ ସାର୍‌ଙ୍କୁ ପଚାରି ତାହା ଦୂର କରିବି। ରୁଜାଙ୍ଗିସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ମହାନ୍ତି କହିଛନ୍ତି, ୧୦ମ ଶ୍ରେଣୀର ୪୭ ପିଲାଙ୍କ ମଧ୍ୟରୁ ଶୁକ୍ରବାର ପ୍ରଥମ ଦିନ ୧୨ ଜଣ ବିଦ୍ୟାଳୟକୁ ଆସିଥିଲେ। ସମସ୍ତଙ୍କ ହାତ ସାନିଟାଇଜ କରାଯାଇଥିଲା। ମାସ୍କ ପିନ୍ଧି ସମାଜିକ ଦୂରତ୍ୱ ରକ୍ଷା କରି ପିଲାମାନେ ଶ୍ରେଣୀଗୃହରେ ବସିଥିଲେ। ୧୦୦ ଦିନ ସ୍କୁଲ ଚାଲିବାକୁ ଥିବାରୁ ନୂତନ ଭାବେ ରୁଟିନ ତିଆରି କରି ପିଲାଙ୍କୁ ପଢ଼ାଉଛୁ।

### ବିଦ୍ୟାଳୟ ବୁଲିଲେ ବିଧାୟକ

ଛତ୍ରପୁର,୮।୧(ଡି.ଏନ୍.ଏ.)

ଦୀର୍ଘମାସ ପରେ ଶୁକ୍ରବାର ସ୍କୁଲ, କଲେଜ ଖୋଲିଛି। କୋଭିଡ୍ କଟକଣା ମଧ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସିଛନ୍ତି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଚମାଖଣ୍ଡି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ପିଲାଙ୍କୁ କରୋନା ବିଷୟରେ ସଚେତନ କରାଇଥିଲେ। ପରେ ଛତ୍ରପୁର ଅଞ୍ଚଳର ବିଭିନ୍ନ ସ୍କୁଲକୁ ଯାଇ କ୍ୟାମ୍ପସ ପରିଷ୍କାର ପରିଚ୍ଛନ ଓ ସାନିଟାଇଜ ହୋଇଛି କି ନାହିଁ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରମାନେ ସ୍କୁଲ ଆସିବା ପରେ ପ୍ରଥମେ ସେମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ସହ ହାତ ସାନିଟାଇଜ କରାଯାଇଥିଲା। ସମସ୍ତେ ମାସ୍କ ପରିଧାନ କରି ଆସିଥିବା ଦେଖିବାକୁ ମିଳିଛି। ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୧୦୦ ଦିନର ପାଠପଢ଼ା ହେବ। ରବିବାର ମଧ ପଢ଼ାହେବ। ଛତ୍ରପୁରରେ ୨୩ ସରକାରୀ ଓ ଘରୋଇ ସ୍କୁଲ ଖୋଲାଯାଇଛି।

# ଶ୍ରୀଅରବିନ୍ଦ ଜିଲା ମହିଳା ପାଠଚକ୍ର ସମ୍ମିଳନୀ



ପୁଷ୍ପାଞ୍ଜଳି ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୮।୧(ଡି.ଏନ୍.ଏ.)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠରେ ଶୁକ୍ରବାର ଶ୍ରୀଅରବିନ୍ଦ ଜିଲା ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରତ୍ନ ମଞ୍ଜରୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ନିରଦାବାସିନୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁପ୍ରଭା ବେହେରା ଦୁର୍ଗାସ୍ତୋତ୍ର ପାଠ କରିଥିଲେ। ମନିଷା ପଟ୍ଟନାୟକ ମା' ବହି ଓ ପ୍ରତିମା ମହାରଣା ବିବରଣୀ ପାଠ କରିଥିଲେ। ସୁନନ୍ଦା ବେହେରା ମାତୃ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଦିବ୍ୟକୃପା ଓ ଆଧାତ୍ମିକତା ଉପରେ ଆଲୋଚନା ହୋଇଥିଲା। ଅତିଥି ଭାବେ ଶାବୁଳିଆ ଆଶ୍ରମର ଗୀତାଞ୍ଜଳି ସେନାପତି, ରାଜସୁନାଖଳାର ପୁଷ୍ପାଞ୍ଜଳି ସାହୁ, ବ୍ରହ୍ମପୁରର କମଳ କୁମାରୀ ସାମନ୍ତ ପ୍ରମୁଖ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଦିବ୍ୟକୃପା ଓ ଆଧାତ୍ମିକତା ଉପରେ କହିଥିଲେ। ଖଲ୍ଲିକୋଟର ରତ୍ନପ୍ରଭା ଦାସ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ କର୍ମକର୍ତ୍ତା ଲଲାଟେନ୍ଦୁ ସାମନ୍ତ, ଲକ୍ଷ୍ମୀଧର ଦାସ, ରଘୁନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ସାନିଟାଇଜ୍‌ରେ ଖୋଲିଲା ଭାରତୀ ବିଦ୍ୟାପୀଠ

ଗଞ୍ଜାମ,୮।୧(ଡି.ଏନ.ଏ.)

କରୋନା କଟକଣା ଯୋଗୁ ବନ୍ଦ ରହିଥିବା ସ୍କୁଲ କଲେଜ ଦୀର୍ଘ ୧୦ମାସ ପରେ ଶୁକ୍ରବାର ଖୋଲିଛି। ଖୋଲିବା ପୂର୍ବରୁ ସମସ୍ତ ସ୍କୁଲଗୁଡିକ ସାନିଟାଇଜ୍ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ଗଞ୍ଜାମ ସହରରେ ଥିବା ଭାରତୀ ବିଦ୍ୟାପୀଠ ହାଇସ୍କୁଲ ବିନା ସାନିଟାଇଜରରେ ଖୋଲାଯାଇଛି। ଏ ସମ୍ପର୍କରେ ଉକ୍ତ ସ୍କୁଲ ବରିଷ୍ଠ କିରାଣୀ ହରି ବାରିକ କହିଛନ୍ତି, ଏନ୍ଏସି ପ୍ରଶାସନ ପକ୍ଷରୁ ସାନିଟାଇଜର କରିବାକୁ ସ୍କୁଲ ଆସିଥିଲେ, କିନ୍ତୁ ମେଶିନ ନ ଚାଲିବାରୁ ସେମାନେ ଚାଲି ଯାଇଥିଲେ। ସ୍କୁଲ ଖୋଲିବା ପ୍ରଥମ ଦିନରେ ଦଶମ ଶ୍ରେଣୀର ୫୦ ଛାତ୍ର ସ୍କୁଲ ଆସିଥିବା ବେଳେ ଗୋଟିଏ ବେଞ୍ଚରେ ମାତ୍ର ଜଣେ ଛାତ୍ର ବସିବା ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ପ୍ରଥମ ଦିନରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବିନିତା ସେନାପତି ଉକ୍ତ ହାଇସ୍କୁଲ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏବିଇଓ ବିଜୟ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, କରୋନା ସମୟରେ ଉକ୍ତ ହାଇସ୍କୁଲକୁ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: ଉଦ୍‌ଘାଟନୀ ମ୍ୟାଚରେ ପାୱାର ଟିମ୍ ବିଜୟୀ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୮।୧(ଡି.ଏନ୍.ଏ.)

ଆସିକା ଏନ୍ଏସି ତାଲୁକା ଛକଠାରେ ଶୁକ୍ରବାର ନବମ କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଯୁବନେତା ନଚିକେତା ସ୍ୱାଇଁ, ତହସିଲଦାର ସଦାନନ୍ଦ ସେଠୀ, ଏନ୍ଏସି ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁର, ପୂର୍ବତନ କାଉନସିଲର ପ୍ରମୋଦ କୁମାର ତ୍ରିପାଠୀ, ଅମଲା ସଂଘ ରାଜ୍ୟ ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ, ସୂର୍ଯ୍ୟକାନ୍ତ ପରିଡା, ରାଜେଶ ପଟ୍ଟନାୟକ, ଦିଲୀପ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚରେ ଧରାକୋଟ ୟୁଥ କ୍ରିକେଟ କ୍ଲବକୁ ହରାଇ ଆସିକା ପାୱାର ଟିମ୍ ବିଜୟୀ ହୋଇଛି। ପାୱାର ଟିମ୍‌ର ବାବୁଲି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉମା ମହେଶ୍ୱର ଦାସ, ପ୍ରଶାନ୍ତ କୁମାର ଦାସ ଓ ତ୍ରିଲୋଚନ ପାତ୍ର ଖେଳ ପରିଚାଳନା କରିଥିଲେ।

# କୃଷକସଭା ପକ୍ଷରୁ ବିକ୍ଷୋଭ




ସଭାରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଦିଗପହଣ୍ଡି,୮।୧(ଡି.ଏନ.ଏ.)

ସିପିଆଇ ସମର୍ଥିତ ଅଖିଳ ଭାରତ କୃଷକ ସଭା ବଡ଼ ଖେମୁଣ୍ଡି ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ନିଷ୍ପତ୍ତି ପ୍ରକାରେ ସ୍ଥାନୀୟ କୃଷକ ସଭା ଶାଖାର କର୍ମକର୍ତ୍ତା ବୃନ୍ଦ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ଥିଲେ। କେନ୍ଦ୍ର ସରକାରଙ୍କ ସାମଗ୍ରିକ ବିଫଳତାକୁ ଉପସ୍ଥିତ ଦଳୀୟ ନେତୃବୃନ୍ଦ ତୀବ୍ର ସମାଲୋଚନା କରିଥିଲେ। କରୋନା ସମୟରେ ଦେଶବାସୀ ଗୃହବନ୍ଦୀ ଅବସ୍ଥାରେ ଥିବାବେଳେ କେନ୍ଦ୍ର ସରକାର ନୂଆଁ କୃଷି ଆଇନ ସମ୍ପର୍କିତ ୩ ଟି ଅଧାଦେଶ ଆଣିଥିଲେ। ଏହି ଆଇନ ଦେଶୀ ବିଦେଶୀ କର୍ପୋରେଟଙ୍କ ସ୍ୱାର୍ଥରେ ଅଣାଯାଇଥିବାରୁ ଦେଶର କୃଷକ ଓ କୃଷିର ସର୍ବନାଶ ହେବ ବୋଲି ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇଥିଲେ। ବିକ୍ଷୋଭରେ ସିପିଆଇ ଜିଲା ସହ ସମ୍ପାଦକ ଅଳକନାଥ ମିଶ୍ର, ଅନନ୍ତ ମହାକୁଡ, କିଶୋର ଶତପଥୀ, ପ୍ରମୋଦ ସ୍ୱାଇଁ, ଦୈତାରୀ ରେଡ୍ଡୀ, ମୂଷା ବେହେରା, ବାବୁ ବେହେରା, ପର୍ଶୁରାମ ବିଷୋୟୀ, ଲୋକନାଥ ବିଷୋୟୀ, ରାଜେନ୍ଦ୍ର ବିଷୋୟୀ, ଗୋଲାପି ମହାକୁଡ, ହେମ ସେଠୀ ପ୍ରମୁଖ ସିପିଆଇର ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଗୋପାଳପୁର,୮।୧

ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ପଞ୍ଚାୟତରେ ଶୁକ୍ରବାର ପୂର୍ବାହ୍ନରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ତହସିଲଦାର ତାପସ ରାଉତ, ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା ଓ ରଙ୍ଗିପୁର ସରପଞ୍ଚ ରଶ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। ରଙ୍ଗିପୁର ଓ ହଳଦିଆପଦର ଦୁଇଟି ପଞ୍ଚାୟତର ହିତାଧିକାରୀଙ୍କୁ ବିଭିନ୍ନ ଘରବାରି ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ୪୧ ଜଣ ନୂତନ ହିତାଧିକାରୀ ପଟ୍ଟା ପାଇଁ ଆବେଦନ କରିଥିଲେ। ଏଥିସହ ଲେଣ୍ଡ ରେଭିନ୍ୟୁ ୨୨,୮୦୦ ଆଦାୟ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ ସୀମାଞ୍ଚଳ ପାତ୍ର, ଏନ. କ୍ରିଷ୍ଣା, ବ୍ରଜେନ୍ଦ୍ର କୁମାର ସାହୁ, ପ୍ରସନ୍ନ ମହାନ୍ତି, ଉର୍ମିଳା ବେହେରା, ଗାୟତ୍ରୀ ପଣ୍ଡା, ସୁନିଲ କୁମାର ପାତ୍ର, ବିଳାସିନୀ ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା ଅଭିଯୋଗ

ଜଗନ୍ନାଥପ୍ରସାଦ, ୮।୧(ଡି.ଏନ.ଏ.)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା କରାଯାଇଥିବା ନେଇ ଶୁକ୍ରବାର ଝାଡ଼ଭୂମି ଗ୍ରାମର ମହିଳାମାନେ ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଛନ୍ତି। ଝାଡ଼ଭୂମି ଗ୍ରାମଠାରୁ କାଳୀ ମନ୍ଦିର ରାସ୍ତା ତିଆରି ପାଇଁ ସମିତି ଫଣ୍ଡରୁ ପାଞ୍ଚ ଲକ୍ଷ ଟଙ୍କା ଦିଆଯାଇଛି। ଏହି କାମଟି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅନ୍ତର୍ଭୁକ୍ତ ଥିବାରୁ ଶ୍ରମିକମାନଙ୍କ ଦ୍ୱାରା କରିବାକୁ ନିର୍ଦ୍ଦେଶ ରହିଛି। ଏହି କାମ କରିବାକୁ ଗ୍ରାମର ମହିଳା ଓ ପୁରୁଷ ଶ୍ରମିକମାନେ ଚାହିଁ ରହିଥିବା ବେଳେ ଗୁରବାର ରତିରେ କପାସିଆ ଡେପରୁ ଜେସିବି ଦ୍ୱାରା ମୋରମ ଖୋଳି ପାଞ୍ଚଟି ଟ୍ରାକ୍ଟରରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ଜାଣି ଗ୍ରାମର ବହୁ ମହିଳା ଶ୍ରମିକ ଉକ୍ତ ସ୍ଥାନରେ ପହଞ୍ଚି ବିରୋଧ କରିବାରୁ କାମ ବନ୍ଦ ହୋଇଯାଇଥିଲା। ଫଳରେ ସେଠାରେ କାମ କରୁଥିବା ଲୋକମାନେ ଟ୍ରାକ୍ଟର ଓ ଜେସିବି ଛାଡ଼ି ପଳାଇଥିଲେ। ପରେ ମାଲିକମାନେ ପହଞ୍ଚି ଗାଡ଼ି ନେବାକୁ କହି ଥିଲେ ମଧ ମହିଳାମାନେ ମାନି ନ ଥିଲେ। ରାତିସାର ମହିଳାମାନେ ଉକ୍ତ ସ୍ଥାନରେ ଜଗି ରହି ଶୁକ୍ରବାର ସକାଳେ ଥାନାରେ ଏତଲା ଦେଇଥିଲେ। ସେମାନଙ୍କ ଅଭିଯୋଗ ଯେ ତାଙ୍କୁ କାମରେ ଲଗାଯିବା ସହ ବେଆଇନ ଭାବେ କାମ କରୁଥିବା ବ୍ୟକ୍ତିଙ୍କୁ ଉଚିତ ଦଣ୍ଡ କରାଯାଉ। ଏଥିସହ ସ୍ଥାନିୟ ତହସିଲଦାର, ଭଞ୍ଜନଗର ଉପଜିଲାପାଳ, ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ କେତେଜଣ ଲୋକଙ୍କ କହିବା ପ୍ରକାରେ ଏହି ମୋରମ କାଳୀ ମନ୍ଦିର ପାଇଁ ଅଣାଯାଉଥିଲା। ଏଠାରେ ବର୍ତ୍ତମାନ କିଛିଦିନ ହେଲା ବିଜୟୀ ଦଳ ଭିତରେ କନ୍ଦଳ ଥିବା ଯୋଗୁ ଏହିଭଳି ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳୁଛି। ଯାହାକୁ ନେଇ ଲୋକଙ୍କ କାମରେ ବାଧା ସୃଷ୍ଟି ହେଉଛି। ଖବର ଶେଷ ସୁଦ୍ଧା ଉକ୍ତ ସ୍ଥାନକୁ କୌଣସି ଅଧିକାରୀ ପହଞ୍ଚିନଥିବା ସୂଚନା ମିଳିଛି।

